# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୧୯ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୧୦ ତାରିଖ: ୦୬.୦୩.୨୦୨୬

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୮.୦୨.୨୦୨୬ ରୁ ୦୬.୦୩.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୮ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୨୮ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୨୮ | ୦୧ | ୦୨ | ୦୩ | ୦୪ | ୦୫ | ୦୬ |
| ବରଗଡ଼ | 34 | 34 | 33 | 35 | 35 | 35 | 36 | 19 | 19 | 19 | 20 | 20 | 19 | 20 | 0 | 0 | 0 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୭-୦୩-୨୦୨୬ | ୦୮-୦୩-୨୦୨୬ | ୦୯-୦୩-୨୦୨୬ | ୧୦-୦୩-୨୦୨୬ | ୧୧-୦୩-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 36 | 36 | 35 | 36 | 37 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 21 | 22 | 23 | 22 | 21 |
| ମେଘ ଆବରଣ(ଓକଟା) | 0 | 1 | 0 | 1 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 65 | 83 | 84 | 75 | 66 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 18 | 22 | 24 | 19 | 14 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 2 | 6 | 6 | 7 | 8 |
| ପବନର ଦିଗ (ଡିଗ୍ରୀ) | 141 | 86 | 113 | 141 | 167 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ପାଗ ମୁଖ୍ୟତଃ ଶୁଷ୍କ ରହିବା ସହିତ ଆକାଶ ସଫା କିମ୍ବା ମୁଖ୍ୟତଃ ସଫା ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୨ ରୁ ୮ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଓ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ (ତାରିଖ: ୦୫.୦୩.୨୦୨୬) ଅନୁଯାୟୀ, ପ୍ରଥମ ସପ୍ତାହ (୦୬ ରୁ ୧୨ ମାର୍ଚ୍ଚ, ୨୦୨୬) ରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଭିନ୍ନ ଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଦ୍ୱିତୀୟ ସପ୍ତାହ (୧୩ ରୁ ୧୯ ମାର୍ଚ୍ଚ, ୨୦୨୬) ରେ ପାଗ ମୁଖ୍ୟତଃ ଶୁଖିଲା ରହିପାରେ । ଉଭୟ ସପ୍ତାହ ମଧ୍ୟରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ ଅଧିକ ରହିପାରେ ।
- ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ଅମଳ ହୋଇକି ବାହାରେ ରଖାହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଏବଂ ପ୍ରବଳ ପବନରୁ ଗଛଗୁଡ଼ିକୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ଆଗାମୀ ତାପମାତ୍ରା ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ପଶୁପାଳନରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ଯଦି ସମ୍ଭବ ହୁଏ, ଚାଷୀଭାଇମାନେ ବଜ୍ରପାତ କିମ୍ବା ବିଜୁଳି ସୂଚନା ଏବଂ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଓ ଚେତାବନୀ ପାଇଁ ଯଥାକ୍ରମେ ଦାମିନୀ ଏବଂ ମୌସମ ଆପ୍ ବ୍ୟବହାର କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଳ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ପିଲ ଅବସ୍ଥା | • ଆଗରୁ ରୁଆ ସରିଯାଇଥିବା ଧାନ ଯାହା ଏବେ ପିଲ ଅବସ୍ଥାରେ ଅଛି ସେଥିରେ ପ୍ରଥମ ମୂଳ ସାର ଭାବରେ ପ୍ରତି ଏକର ପିଛା ୩୫ କିଲୋ ୟୁରିଆ ସାରକୁ ପ୍ରୟୋଗ କରନ୍ତୁ ।<br>• ହଳଦିଆ କାଣ୍ଡ ବିନ୍ଧା ପୋକଙ୍କ ନିରୀକ୍ଷଣ ପାଇଁ ଧାନ କ୍ଷେତରେ ଏକର ପ୍ରତି ୪ ରୁ ୫ ଟି ଫେରୋମୋନ୍ ଯନ୍ତା ଲଗାନ୍ତୁ ।<br>• ଯେତେବେଳେ ପୁରୁଷ ପୋକ/ଫାଶ ସଂଖ୍ୟା ୪ କିମ୍ବା ୫ ରେ ପହଞ୍ଚିଯିବ, ସେତେବେଳେ ଏହାର ନିୟନ୍ତ୍ରଣ ପାଇଁ ଆଜାଡିରାକ୍ଟିନ୍ ୦.୧୫% ନିମ ବିହନ କର୍ଣ୍ଣେଲ ଆଧାରିତ ଇ.ସି. ଫର୍ମୁଲେସନ୍ @ ୮୦୦ ମିଲି/ଏକର କିମ୍ବା ମାଟିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର. @ ୪ କିଲୋ/ଏକର କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. @ ୧୦ କିଲୋ/ଏକର ହିସାବରେ ୧:୧ ଅନୁପାତରେ ବାଲି ସହିତ ମିଶ୍ରଣ କରି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍.ସି. @ ୬୦ ମିଲି/ଏକର ହିସାବରେ ୨୦୦ ଲିଟର ପାଣିରେ ଦ୍ରବଣ ବନାଇ ପ୍ରୟୋଗ କରନ୍ତୁ । |
| ମୁଗ ଓ ବିରି | ଫଳ ଆରମ୍ଭ ଓ ଫଳ ବିକାସ ଅବସ୍ଥା | • ସାହେବି ରୋଗର ସଂକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ସଂକ୍ରମିତ ଗଛଗୁଡ଼ିକୁ କାଢ଼ି ବାହାରେ ଦୁର ସ୍ଥାନକୁ ନେଇ ପୋତି ଦିଅନ୍ତୁ ଏବଂ ରସାୟନିକ ବିଧିରେ ଏହାର ଉପଚାର କରିବା ପାଇଁ ୦.୩ ମିଲି ଇମିଡାକ୍ଲୋପ୍ରିଡ଼ କିମ୍ବା ଥାୟୋମେଥୋକ୍ସାମ୍ @ ୦.୩-୦.୫ ଗ୍ରାମକୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ଫଳ ଅବସ୍ଥାରେ ମାଟିର ଆର୍ଦ୍ରତା ବଜାୟ ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ଫଳ ବିନ୍ଧାକାରୀ ପୋକର ଆକ୍ରମଣ ବିରୁଦ୍ଧରେ ଫସଲର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଲଙ୍କା | ଅଙ୍ଗିୟ ଅବସ୍ଥା, ଫୁଲ ଓ ଫଳ ବାହାରିବା ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଲଙ୍କା ଫସଲରେ ଶୋଷକ କୀଟ ଆକ୍ରମଣ ହେବାର ସମ୍ଭାବନା ରହିଅଛି, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି ।<br>• ଯଦି ଲଙ୍କା ଫସଲରେ ଅଷ୍ଟପଦୀ ପୋକ (ମାଇଟ୍) ର ଆକ୍ରମଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ହେତୁ ଇଥିଅନ୍ ୫୦ ଇସି @ ୨ ରୁ ୩ ମିଲି କିମ୍ବା ପ୍ରୋପାଜାଇଟ୍ 57 ଇସି @ ୦.୬ ରୁ ୦.୮ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ପାଗ ସଫା ଥିବା ସମୟରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ବିଲାତି ବାଇଗଣ (ଟମାଟର୍) | ଫୁଲ ଓ ଫଳ ଅବସ୍ଥା | • ଟମାଟୋ କ୍ଷେତରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖନ୍ତୁ।<br>• ଟମାଟୋ ଗଛରେ ଫଳ ବିନ୍ଧା ପୋକର ଆକ୍ରମଣ ନିରୀକ୍ଷଣ କରିବା ପାଇଁ ଫେରୋମୋନ ଟ୍ରାପ୍ ବା ଯନ୍ତା ବ୍ୟବହାର କରନ୍ତୁ ।<br>• ଯଦି ଆକ୍ରମଣ ଦେଖାଗଲାଣି, ତେବେ ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ଥିଆମିଥୋକ୍ସାମ ୧୨.୬% + ଲାମ୍ବଡା-ସାଇହାଲୋଥ୍ରିନ୍ ୯.୫% ଜେଡ.ସି @ ୦.୨-୦.୩ ମିଲି କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ଏସ.ସି @ ୦.୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହର ପ୍ରଥମାର୍ଦ୍ଧରେ ଆଖ ପାଖର ଜିଲ୍ଲାଗୁଡ଼ିକରେ ଝଡ଼ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ଥିବାରୁ, ଚାଷୀଭାଇମାନଙ୍କୁ ସତର୍କତା ଅବଧି ସମୟରେ ଖୋଲା ସ୍ଥାନରେ ପଶୁମାନଙ୍କୁ ନ ବାନ୍ଧିବା ପାଇଁ ପରାମର୍ଶ ଦିଆଯାଇଅଛି । ବର୍ଷା ପାଣି ସିଧା ଗୁହାଳ ଭିତରକୁ ପ୍ରବେଶ ନ କରୁ ତା'ର ବ୍ୟବସ୍ଥା କରନ୍ତୁ ଏବଂ ସେମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ।<br>• ଆଗକୁ ତାପମାତ୍ରାର ସ୍ଥିତିକୁ ଧ୍ୟାନରେ ରଖି ପଶୁମାନଙ୍କୁ ଅଧିକ ଖରାରୁ ସୁରକ୍ଷା ଦେବା ପାଇଁ, ତାଜା, ଥଣ୍ଡା ପାଣି, ଛାୟାଯୁକ୍ତ ଏବଂ ଭଲ ବାୟୁଚଳପ୍ରଚଳ ସ୍ଥାନ ନିଶ୍ଚିତ କରନ୍ତୁ । ଦିପହର ସମୟରେ ପଶୁମାନଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ । | |


| Mrs. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

- **ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ** (https://play.gooogle.com/store/apps/details?id=com.aas.meghdoot) **ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ** (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ  ପାଇଁ **ମୌସମ ଆପର ବ୍ୟବହାର କରିପାରିବେ।**